# NATIONAL NEWS BULLETIN (ODIA)

## 26 January-2025

### Morning Bulletin : 7.15 a.m.

*********************************

## ମୁଖ୍ୟ ସମ୍ବାଦ

- ୭୬ତମ ସାଧାରଣତନ୍ତ୍ର ଦିବସ ପାଳନ ଅବସରରେ ନୂଆଦିଲ୍ଲୀର କର୍ତ୍ତବ୍ୟପଥରେ ଜାତୀୟପତାକା ଉତ୍ତୋଳନ କରି ସମ୍ମିଳିତ ପ୍ୟାରେଡ୍‌ର ଅଭିବାଦନ ଗ୍ରହଣ କରିବେ ରାଷ୍ଟ୍ରପତି ।
- ସଶସ୍ତ୍ର ବାହିନୀ ଓ କେନ୍ଦ୍ରୀୟ ସଶସ୍ତ୍ର ପୁଲିସ୍ ବଳର ୯୩ ଜଣଙ୍କୁ ପ୍ରଦାନ କରାଯିବ ବୀରତା ପୁରସ୍କାର ।
- ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷ ପ୍ରତିପାଦନ କରିଥିବା ୧୩୯ ଜଣ ପଦ୍ମପୁରସ୍କାର ପାଇଁ ମନୋନୀତ ।
- ଅସ୍ତ୍ର ବିରତି ଚୁକ୍ତି ଅନୁଯାୟୀ ଗାଜାରେ ବନ୍ଦୀ ଥିବା ୪ ଜଣ ମହିଳା ଇସ୍ରାଏଲ୍ ସୈନିକଙ୍କୁ ମୁକ୍ତ କରିଛି ହମାସ ।

ଏବଂ

- ହକି ଇଣ୍ଡିଆ ଲିଗ୍‌ର ମହିଳା ବର୍ଗରେ ଆଜି ଟାଇଟଲ ହାସଲ ପାଇଁ ସୁରମା ହକି କ୍ଲବ୍ ଏବଂ ଓଡ଼ିଶା ୱାରିୟର୍ସ ମଧ୍ୟରେ ହେବ ମୁକାବିଲା ।

# ରିପବ୍ଲିକ୍ ଡେ

ଦେଶ ଆଜି ୭୬ତମ ସାଧାରଣତନ୍ତ୍ର ପାଳନ କରୁଛି । ନୂଆଦିଲ୍ଲୀର କର୍ତ୍ତବ୍ୟ ପଥରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଜାତୀୟ ପତାକା ଉତ୍ତୋଳନ କରି ସମ୍ମିଳିତ ପରେଡ୍‌ରେ ଅଭିବାଦନ ଗ୍ରହଣ କରିବେ । ପୂର୍ବାହ୍ନ ସାଢ଼େ ୧୦ଟାରେ ଆରମ୍ଭ ହୋଇ ଏହା ୯୦ ମିନିଟ୍ ପର୍ଯ୍ୟନ୍ତ ଚାଲିବ ।

ସମ୍ବିଧାନ ପ୍ରଣୟନର ୭୫ ବର୍ଷ ପୂର୍ତ୍ତି ତଥା ଜନଭାଗିଦାରୀତାର ନିଦର୍ଶନ ସ୍ୱରୂପ ସ୍ଥଳସେନା, ବାୟୁସେନା, ନୌସେନା, ଅର୍ଦ୍ଧ ସାମରିକ ବାହିନୀ, ଏନ୍.ସି.ସି. ଏବଂ ଏନ୍.ଏସ୍.ଏସ୍. ତଥା ବିଭିନ୍ନ ବର୍ଗର ସାମରିକ, ପୁଲିସ୍ ବାହିନୀ ସମ୍ମିଳିତ ପରେଡ୍‌ରେ ଅଂଶଗ୍ରହଣ କରିଛନ୍ତି । ଭାରତର ସାଂସ୍କୃତିକ ବିବିଧତା ଏବଂ ସାମରିକ ଶକ୍ତି କର୍ତ୍ତବ୍ୟପଥରେ ପ୍ରଦର୍ଶନ କରାଯିବ । ଇଣ୍ଡୋନେସିଆର ରାଷ୍ଟ୍ରପତି ପ୍ରବୋଓ ସୁବିୟାନ୍ତୋ ଆଜି ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଉଛନ୍ତି । ଇଣ୍ଡୋନେସିଆର ୧୬୦ ଜଣ ସେନା କର୍ମୀ ତଥା ୧୯୦ ଜଣ ବ୍ୟାଣ୍ଡ କଣ୍ଟିଜେଣ୍ଟ୍ ପରେଡ୍‌ରେ ଅଂଶଗ୍ରହଣ କରୁଛନ୍ତି । ବିଭିନ୍ନ ରାଜ୍ୟ, କେନ୍ଦ୍ରଶାସିତ ଅଞ୍ଚଳ, କେନ୍ଦ୍ର ସରକାରଙ୍କ ମନ୍ତ୍ରଣାଳୟ ଓ ବିଭାଗର ୩୧ଟି ପ୍ରଜ୍ଞାପନମେଢ଼ ଆଜି ପ୍ରଦର୍ଶନ କରାଯିବ । 'ସ୍ୱର୍ଣ୍ଣିମ ଭାରତ, ବିରାସତ ଔର୍ ବିକାଶ' ଶୀର୍ଷକରେ ଏହି ପ୍ରଜ୍ଞାପନ ମେଢ଼ ଗୁଡ଼ିକ ପ୍ରସ୍ତୁତ ହୋଇଛି । ୪୭ଟି ବିମାନ ଦ୍ୱାରା ଫ୍ଲାଇପୋଷ୍ଟ କାର୍ଯ୍ୟକ୍ରମ ସହ ଏହି ସମାରୋହ

ସମାପନ ହେବ । ଦେଶ ଓ ସମାଜ ଗଠନରେ ଅବଦାନ ପ୍ରଦାନ କରିଥିବା ବିଭିନ୍ନ କ୍ଷେତ୍ରର ବ୍ୟକ୍ତିଙ୍କୁ ସମ୍ମାନ ପ୍ରଦର୍ଶନ ସ୍ୱରୂପ ଏହି ସମାରୋହରେ ବିଶେଷ ଅତିଥି ଭାବେ ନିମନ୍ତ୍ରଣ କରାଯାଇଛି । ସରପଞ୍ଚ, ହସ୍ତଶିଳ୍ପ ଓ ହସ୍ତତନ୍ତ କାରିଗର, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟ, ଆଶା ଓ ଅଙ୍ଗନବାଡ଼ି କର୍ମୀ, ସଡ଼କ ନିର୍ମାଣ କର୍ମୀ ଆଦି ୩୪ଟି ବର୍ଗର ୧୦ ହଜାର ବ୍ୟକ୍ତି ସ୍ୱତନ୍ତ୍ର ଅତିଥି ଭାବେ ଏହି ସମାରୋହରେ ଯୋଗ ଦେଉଛନ୍ତି ।

ଆକାଶବାଣୀ ମାଧ୍ୟମରେ ଏହି କାର୍ଯ୍ୟକ୍ରମର ସିଧାସଳଖ ଧାରାବିବରଣୀ ପ୍ରସାରଣ କରାଯିବ ।

ଏହା ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନୂଆଦିଲ୍ଲୀରେ ଜାତୀୟ ଯୁଦ୍ଧ ସ୍ମାରକୀ ଠାରେ ସହିଦଙ୍କ ସମ୍ମାନାର୍ଥେ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିବେ ।

## ରାଷ୍ଟ୍ରପତି ଗ୍ୟାଲେଣ୍ଟେରି

୭୬ତମ ସାଧାରଣତନ୍ତ୍ର ଦିବସ ପାଳନ ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସଶସ୍ତ୍ର ବାହିନୀ ଏବଂ କେନ୍ଦ୍ରୀୟ ସଶସ୍ତ୍ର ପୁଲିସ୍ ବଳର ୯୩ ଜଣଙ୍କୁ ବୀରତା ପୁରସ୍କାର ପାଇଁ ମନୋନୀତ କରିଛନ୍ତି । ସେମାନଙ୍କ ମଧ୍ୟରେ ମରଣୋତ୍ତର ଭାବେ ୧୧ ଜଣ ଅଛନ୍ତି । ଏହି ପୁରସ୍କାର ମଧ୍ୟରେ ୧୪ଟି ଶୌର୍ଯ୍ୟଚକ୍ର, ୨ଟି କୀର୍ତ୍ତି ଚକ୍ର, ୬୬ଟି ସେନା ପଦକ, ୮ଟି ବାୟୁସେନା ପଦକ, ଗୋଟିଏ ବାର୍ ଟୁ ସେନା ପଦକ ଅନ୍ତର୍ଭୁକ୍ତ । ମେଜର

ରଞ୍ଜିତ ଏବଂ ନାୟକ ଦିଲ୍‌ୱର ଖାଁଙ୍କୁ ମରଣୋତ୍ତର ଭାବେ କୀର୍ତ୍ତି ଚକ୍ର ପୁରସ୍କାର ପାଇଁ ମନୋନୀତ କରାଯାଇଛି ।

ସେହିଭଳି ସଶସ୍ତ୍ର ବାହିନୀ ଏବଂ ଅନ୍ୟାନ୍ୟ ଯବାନଙ୍କ ପାଇଁ ୩୦୫ଟି ପ୍ରତିରକ୍ଷା ସମ୍ମାନ ପ୍ରଦାନ କରାଯିବ । ସେଥିରେ ୩୦ଟି ପରମ ବିଶିଷ୍ଟ ସେବା ପଦକ, ୫ଟି ଉତ୍ତମ ଯୁଦ୍ଧ ସେବା ପଦକ, ୫୭ଟି ଅତି ବିଶିଷ୍ଟ ସେବା ପଦକ, ୧୦ଟି ଯୁଦ୍ଧ ସେବା ପଦକ, ଗୋଟିଏ ବାର୍ ଟୁ ସେନା ପଦକ, ୪୩ଟି ସେନା ପଦକ, ୮ଟି ନାଓ ସେନା ପଦକ ଏବଂ ୧୫ଟି ବାୟୁସେନା ପଦକ, ୪ଟି ବାର୍ ଟୁ ବିଶିଷ୍ଟ ସେବା ପଦକ ଏବଂ ୧୩୨ଟି ବିଶିଷ୍ଟ ସେବା ପଦକ ଅନ୍ତର୍ଭୁକ୍ତ ।

## ପଦ୍ମ ପୁରସ୍କାର

ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷ ପ୍ରତିପାଦନ କରିଥିବା ୧୩୯ ଜଣଙ୍କୁ ପଦ୍ମ ପୁରସ୍କାର ପାଇଁ ମନୋନୀତ କରାଯାଇଛି । ଏଥିରେ ୭ଟି ପଦ୍ମ ବିଭୂଷଣ, ୧୯ଟି ପଦ୍ମ ଭୂଷଣ ଏବଂ ୧୧୩ଟି ପଦ୍ମଶ୍ରୀ ପୁରସ୍କାର ରହିଛି । ପ୍ରବାସୀ ଭାରତୀୟ, ବିଦେଶୀ ଆଦି ବିଭିନ୍ନ ବର୍ଗର ୧୦ ଜଣ ଏବଂ ମରଣୋତ୍ତର ଭାବେ ୧୩ ଜଣଙ୍କୁ ଏହି ପୁରସ୍କାର ପ୍ରଦାନ କରାଯିବ । ବିଶିଷ୍ଟ ଲେଖକ ଏମ୍.ଟି. ବାସୁଦେବନ ନାୟାର୍, ସୁଜୁକି ମୋଟର୍ସ୍ କର୍ପୋରେସନ୍‌ର ପୂର୍ବତନ ଚେୟାର୍‌ମ୍ୟାନ୍ ଓସାମୁ ସୁଜୁକି ଏବଂ ଗାୟିକା ସାରଦା ସିହ୍ନାଙ୍କୁ

ମରଣୋତ୍ତର ଭାବେ ପଦ୍ମବିଭୂଷଣ ସମ୍ମାନ ପ୍ରଦାନ କରାଯିବ । କଣ୍ଠଶିଳ୍ପୀ ପଙ୍କଜ ଉଧାସ, ଅର୍ଥନୀତିଜ୍ଞ ବିବେକ ଦେବରାୟଙ୍କୁ ମରଣୋତ୍ତର ଭାବେ ପଦ୍ମଭୂଷଣ ସମ୍ମାନ ପ୍ରଦାନ କରାଯିବ । ହକି ଖେଳାଳି ପି.ଆର୍. ଶ୍ରୀଜେଶଙ୍କୁ ପଦ୍ମଭୂଷଣ ସମ୍ମାନ ପାଇଁ ମନୋନୀତ କରାଯାଇଛି । କ୍ରିକେଟ୍ ଖେଳାଳି ଆର୍. ଅଶ୍ୱିନୀ ଏବଂ ଫୁଟବଲ୍ ଖେଳାଳି ଆଇ.ଏମ୍. ବିଜୟନ୍‌ଙ୍କୁ ପଦ୍ମଶ୍ରୀ ସମ୍ମାନ ପାଇଁ ମନୋନୀତ କରାଯାଇଛି ।

ଓଡ଼ିଶାରୁ ଡାକ୍ତର ଅଶୋକ କୁମାର ମହାପାତ୍ର, ଅଦ୍ୱୈତ ଚରଣ ଗଡ଼ନାୟକ, ଦୁର୍ଗାଚରଣ ରଣବୀର ଏବଂ ପ୍ରତିଭା ଶତପଥୀ ପଦ୍ମଶ୍ରୀ ପୁରସ୍କାର ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପଦ୍ମ ପୁରସ୍କାର ପ୍ରାପ୍ତ ବ୍ୟକ୍ତିବିଶେଷଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି, ସେମାନଙ୍କର ନିଷ୍ଠା ଏବଂ କର୍ତ୍ତବ୍ୟକୁ ସମ୍ମାନିତ କରି ଦେଶ ଗର୍ବ ଅନୁଭବ କରୁଛି । ବିଭିନ୍ନ କ୍ଷେତ୍ରରେ ସେମାନଙ୍କର ଉତ୍କର୍ଷ ପ୍ରେରଣା ଦାୟକ ବୋଲି ଶ୍ରୀ ମୋଦୀ କହିଛନ୍ତି ।

## ଇସ୍ରାଏଲ୍-ଗାଜା ଡିଲ୍

ଅସ୍ତ୍ର ବିରତି ଚୁକ୍ତି ଅନୁଯାୟୀ ଗାଜାରେ ବନ୍ଦୀ ଥିବା ୪ ଜଣ ମହିଳା ଇସ୍ରାଏଲ୍ ସୈନିକଙ୍କୁ ହମାସ ମୁକ୍ତ କରିଛି । ସେମାନଙ୍କୁ ଗାଜା ସିଟିର

ପାଲେଷ୍ଟାଇନ୍ ଛକ ଠାରେ ରେଡ୍‌କ୍ରସ ଅଧିକାରୀଙ୍କୁ ହସ୍ତାନ୍ତର କରାଯାଇଛି । ସେମାନଙ୍କର ସ୍ୱାସ୍ଥ୍ୟାବସ୍ଥା ଭଲ ଥିବା ଜଣାପଡ଼ିଛି । ଇସ୍ରାଏଲ୍ ଏବଂ ଗାଜା ମଧ୍ୟରେ ଅସ୍ତ୍ରବିରତି ଚୁକ୍ତି ଅନୁଯାୟୀ ଏହା ହେଉଛି ଦ୍ୱିତୀୟ ପ୍ରତ୍ୟର୍ପଣ । ଅସ୍ତ୍ରବିରତି ଚୁକ୍ତି ଏବଂ ଗାଜାରେ ଯୁଦ୍ଧ ସମାପ୍ତିର ଭିତ୍ତିଭୂମି ନିର୍ମାଣ କରିବ ।

ଅନ୍ୟ ପକ୍ଷରେ ଚୁକ୍ତି ଅନୁଯାୟୀ ଇସ୍ରାଏଲ୍ ୨୦୦ ପାଲେଷ୍ଟାଇନ୍ କଏଦୀଙ୍କୁ ମୁକ୍ତ କରିଛି । ସେଥିମଧ୍ୟରୁ ୭୦ ଜଣ ଗତକାଲି ବସ୍ ଯୋଗେ ଇଜିପ୍ଟରେ ପହଞ୍ଚିଛନ୍ତି । ସରକାରୀ ଗଣମାଧ୍ୟମ ଅଲ୍ କ୍ୱାହେରା ଦେଇଥିବା ସୂଚନା ଅନୁଯାୟୀ ପ୍ରତ୍ୟର୍ପିତ ହୋଇଥିବା କଏଦୀଙ୍କୁ ଚିକିତ୍ସା ପାଇଁ ଇଜିପ୍ଟର ଏକ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ଦୁଇପକ୍ଷ ମଧ୍ୟରେ ହୋଇଥିବା ଅସ୍ତ୍ରବିରତି ଚୁକ୍ତି ଅନୁଯାୟୀ ହମାସ ୬ ସପ୍ତାହ ମଧ୍ୟରେ ୩୩ ଜଣ ଇସ୍ରାଏଲ୍ ବନ୍ଧକଙ୍କୁ ଏବଂ ପ୍ରତିବଦଳରେ ଇସ୍ରାଏଲ୍ ଶତାଧିକ ପାଲେଷ୍ଟାଇନ୍ କଏଦୀଙ୍କୁ ମୁକ୍ତ କରିବ ।

## ଇଣ୍ଡୋନେସିଆ ପ୍ରେସିଡେଣ୍ଟ

ଇଣ୍ଡୋନେସିଆ ରାଷ୍ଟ୍ରପତି ପ୍ରବୋଓ ସୁବିୟାନ୍ତୋଙ୍କ ସମ୍ମାନାର୍ଥେ ଗତକାଲି ରାଷ୍ଟ୍ରପତି ଭବନରେ ଏକ ଭୋଜି ସଭାର ଆୟୋଜନ ହୋଇଥିଲା । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶ୍ରୀ ସୁବିୟାନ୍ତୋଙ୍କ ପ୍ରଥମ ଭାରତ

ଗସ୍ତ ଅବସରରେ ତାଙ୍କୁ ସ୍ୱାଗତ କରିବା ସହ ଦୁଇ ଦେଶ ମଧ୍ୟରେ ସୁଦୃଢ଼ ସମ୍ପର୍କ ରହିଥିବା ନେଇ ଉଲ୍ଲେଖ କରିଥିଲେ । ସାଧାରଣତନ୍ତ୍ର ଦିବସ ସମାରୋହରେ ମୁଖ୍ୟ ଅତିଥିରୂପେ ଯୋଗଦେବା ପାଇଁ ସମ୍ମତି ପ୍ରଦାନ କରିଥିବାରୁ ରାଷ୍ଟ୍ରପତି ମୁର୍ମୁ ଶ୍ରୀ ସୁବିୟାନ୍ତୋଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

ରାଷ୍ଟ୍ରପତି ଶ୍ରୀ ସୁବିୟାନ୍ତୋ ଗତକାଲି ସଂସଦ ଭବନ ପରିଦର୍ଶନ କରିଛନ୍ତି । ନବନିର୍ମିତ ସଂସଦ ଭବନର ସ୍ଥାପତ୍ୟ, କଳାକୃତି, ସାଂସ୍କୃତିକ ଐତିହ୍ୟ ଏବଂ ପ୍ରତିଷ୍ଠାନ ପ୍ରତି ସେ ଗଭୀର ଆଗ୍ରହ ପ୍ରକାଶ କରିବା ସହ ପ୍ରଶଂସା କରିଥିଲେ । ସଂସଦ ଭବନରେ ଲୋକସଭା ବାଚସ୍ପତି ଓମ୍ ବିର୍ଲା ତାଙ୍କୁ ସ୍ୱାଗତ କରିଥିଲେ । ଦେଶର ଐତିହ୍ୟ ଏବଂ ସାଂସ୍କୃତିକ ପରମ୍ପରାକୁ ଦୃଷ୍ଟିରେ ରଖି କଳାକୃତିଗୁଡ଼ିକ ପ୍ରସ୍ତୁତ କରାଯାଇଛି ବୋଲି ଶ୍ରୀ ବିର୍ଲା ଶ୍ରୀ ସୁବିୟାନ୍ତୋଙ୍କୁ ଅବଗତ କରାଇଥିଲେ ।

## ମହାକୁମ୍ଭ-ରିପବ୍ଲିକ୍ ଡେ

ସାଧାରଣତନ୍ତ୍ର ଦିବସ ପାଳନ ଅବସରରେ ଆଜି ମହାକୁମ୍ଭ ମେଳାରେ ଶ୍ରଦ୍ଧାଳୁ ଏବଂ ପର୍ଯ୍ୟଟକଙ୍କ ପାଇଁ ଭବ୍ୟ ସାଂସ୍କୃତିକ ସମାରୋହ ଅନୁଷ୍ଠିତ ହେବ । ମୁଖ୍ୟ କାର୍ଯ୍ୟକ୍ରମ ଗଙ୍ଗା ମଣ୍ଡପଠାରେ ଆୟୋଜିତ ହେଉଛି । ଆମ ସମ୍ବାଦଦାତା ଦେଇଥିବା ସୂଚନା ଅନୁଯାୟୀ ଶ୍ରଦ୍ଧାଳୁ ଆଧ୍ୟାତ୍ମିକତା,

ଭାରତୀୟ ସଂସ୍କୃତି ଏବଂ ଦେଶ ପ୍ରେମର  ସମ୍ମିଳିତ ଭାବନାର ଅନୁଭବ କରିବେ । ମହାକୁମ୍ଭରେ ଗଙ୍ଗା, ଯମୁନା, ସରସ୍ୱତୀ ଓ ତ୍ରିବେଣୀ ଭଳି ୪ଟି ମଣ୍ଡପରେ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି । ଉତ୍ତରପ୍ରଦେଶ ସଂସ୍କୃତି ବିଭାଗ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶାସ୍ତ୍ରୀୟ ଏବଂ ଅନ୍ୟାନ୍ୟ କାର୍ଯ୍ୟକ୍ରମ ପରିବେଶଣ କରାଯିବ । ସନ୍ଧ୍ୟାରେ ଶ୍ରଦ୍ଧାଳୁଙ୍କ ପାଇଁ ଡ୍ରୋନ୍ ଶୋ'ର ଆୟୋଜନ କରାଯାଇଛି ।

## ହକି

ହକି ଇଣ୍ଡିଆ ଲିଗ୍ ପ୍ରତିଯୋଗିତାର ମହିଳା ବର୍ଗରେ ଟାଇଟଲ ହାସଲ ପାଇଁ ଆଜି ସୁରମା ହକି କ୍ଲବ୍ ଏବଂ ଓଡ଼ିଶା ୱାରିୟର୍ସ୍ ମଧ୍ୟରେ ମୁକାବିଲା ହେବ । ରାଞ୍ଚିର ଜୟପାଲ ସିଂହ ହକି ଷ୍ଟାଡିୟମ୍ ଠାରେ ସନ୍ଧ୍ୟା ୬ଟାରେ ଏହି ମ୍ୟାଚ୍ ଖେଳାଯିବ ।

ଅନ୍ୟ ପକ୍ଷରେ ପୁରୁଷ ବର୍ଗରେ ଗତକାଲି ହାଇଦ୍ରାବାଦ୍ ତୁଫାନ୍ସ' ୟୁ.ପି. ରୁଦ୍ରାସ୍ ବିପକ୍ଷରେ ବିଜୟୀ ହୋଇଛି । ରାଉରକେଲାର ବିର୍ସାମୁଣ୍ଡା ଆନ୍ତର୍ଜାତିକ ହକି ଷ୍ଟାଡିୟମ୍ ଠାରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ହାଇଦ୍ରାବାଦ୍ ୩-୧ ଗୋଲ୍‌ରେ ବିଜୟୀ ହୋଇଛି । ଅନ୍ୟ ଏକ ମ୍ୟାଚ୍‌ରେ ଗୋନାସିକା ଦଳ ତାମିଲ୍‌ନାଡୁ ଡ୍ରାଗନ୍ସ୍‌କୁ ୪-୨ ଗୋଲ୍‌ରେ ପରାସ୍ତ କରିଛି ।

# କ୍ରିକେଟ୍ ଅଣ୍ଡର ନାଇଣ୍ଟିନ୍

ଆଇ.ସି.ସି. ୧୯ ବର୍ଷରୁ କମ୍ ମହିଳା କ୍ରିକେଟ୍ ଟି-ଟ୍ୱେଣ୍ଟି ବିଶ୍ୱକପ୍ ପ୍ରତିଯୋଗିତାରେ ଆଜି ଭାରତ-ବାଂଲାଦେଶ ମଧ୍ୟରେ ମୁକାବିଲା ହେବ । ସୁପର ସିକ୍ସ ପର୍ଯ୍ୟାୟର ଏହି ମ୍ୟାଚ୍ ମାଲେସିଆର କ୍ୱାଲାଲମ୍ପୁର ଠାରେ ଭାରତୀୟ ସମୟ ମଧ୍ୟାହ୍ନ ୧୨ଟାରେ ଖେଳାଯିବ । ଗ୍ରୁପ୍ ପର୍ଯ୍ୟାୟରେ ଭାରତ ସମସ୍ତ ତିନୋଟି ଯାକ ମ୍ୟାଚ୍ ଜିତି ତାଲିକାର ଶୀର୍ଷ ସ୍ଥାନରେ ରହିଥିଲା । ଅନ୍ୟ ପକ୍ଷରେ ବାଂଲାଦେଶ ଏହାର ଗ୍ରୁପ୍ ପର୍ଯ୍ୟାୟରେ ଦ୍ୱିତୀୟ ସ୍ଥାନରେ ସ୍ଥାନିତ ହୋଇଥିଲା ।

# କ୍ରିକେଟ୍

ଚେନ୍ନାଇ ଠାରେ ଗତକାଲି ଖେଳାଯାଇଥିବା ଭାରତ-ଇଂଲଣ୍ଡ ଚଳିତ ୫ଟିକିଆ ଟି-ଟ୍ୱେଣ୍ଟି କ୍ରିକେଟ୍ ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍‌ରେ ଭାରତ ବିଜୟୀ ହୋଇଛି । ଚେନ୍ନାଇ ଏମ୍.ଏ. ଚିଦାମ୍ବରମ୍ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ଭାରତ ୨ ୱିକେଟ୍‌ରେ ବିଜୟ ହାସଲ କରିଛି । ଟସ୍ ଜିତି ଭାରତ ଇଂଲଣ୍ଡକୁ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିଥିଲା । ନିର୍ଦ୍ଧାରିତ ୨୦ ଓଭରରେ ଇଂଲଣ୍ଡ ୯ ୱିକେଟ୍ ବିନିମୟରେ ୧୬୫ରନ୍ ସଂଗ୍ରହ କରିଥିଲା । ଦଳ ପକ୍ଷରୁ ଅଧିନାୟକ ଜୋସ୍ ବଟ୍‌ଲର ସର୍ବାଧିକ ୪୫ରନ୍ ସଂଗ୍ରହ କରିଥିଲେ । ୧୬୬ରନ୍‌ର ବିଜୟ ଲକ୍ଷ୍ୟକୁ ଭାରତ ୧୯ ଓଭର

୨ଟି ବଲ୍‌ରେ ୮ ୱିକେଟ୍ ବିନିମୟରେ ହାସଲ କରିପାରିଥିଲା । ଦଳ ପକ୍ଷରୁ ତିଲକ ବର୍ମା ୫୫ ବଲ୍‌ରୁ ସର୍ବାଧିକ ୭୨ରନ୍ ସଂଗ୍ରହ କରିଥିଲେ । ତିଲକ ବର୍ମାଙ୍କୁ ପ୍ଲେୟାର୍ ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି । ଏହି ବିଜୟ ସହ ଭାରତ ସିରିଜ୍‌ରେ ୨-୦ରେ ଆଗୁଆ ରହିଛି । ଆସନ୍ତା ୨୮ ତାରିଖ ଦିନ ଗୁଜରାଟର ରାଜକୋଟ୍ ଠାରେ ତୃତୀୟ ଟି-ଟ୍ୱେଣ୍ଟି ମ୍ୟାଚ୍ ଖେଳାଯିବ ।